# ଓଡିଶାରେ ସୂଚନା ଅଧିକାର ଆଇନ୍-୨୦୦୫ର କାର୍ଯ୍ୟକାରିତା

ସୂଚନା ଅଧିକାର ଆଇନ୍-୨୦୦୫ ଏକ ଯୁଗାନ୍ତକାରୀ ପଦକ୍ଷେପ, ଏଥିରେ ସନ୍ଦେହ ନାହିଁ । କାରଣ, ଏପର୍ଯ୍ୟନ୍ତ ସରକାରୀ ଗୋପନୀୟତା ଆଇନ୍ ୧୯୨୩ ସମେତ ଯେତେସବୁ ଆଇନ୍‌କାନୁନ୍ ଓ ବିଧିବିଧାନ ଥିଲା ବା ଅଛି, ସେଗୁଡିକରେ ସରକାରୀ ଦପ୍ତରରୁ କିଭଳି ନାଗରିକ ମାନଙ୍କୁ ସୂଚନା ନମିଳିବ, ଏବଂ ଯଦି ଜଣେ ଅଧିକାରୀ ଉପରିସ୍ଥ ହାକିମଙ୍କ ବିନାନୁମତିରେ କିଛି ସରକାରୀ ତଥ୍ୟ ଜଣେ ନାଗରିକଙ୍କୁ ଦେଇଦିଏ, ତେବେ ତାଙ୍କର ଏହି କାର୍ଯ୍ୟ ଦଣ୍ଡନୀୟ ବୋଲି ବିବେଚିତ ହୋଇ ଆସୁଥିଲା । କିନ୍ତୁ ବର୍ତ୍ତମାନ ଅଳ୍ପ କେତୋଟି ବିଷୟ ଉପରେ ସର୍ତ୍ତମୂଳକ କଟକଣାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ବ୍ୟାପାରରେ ପ୍ରାୟ ସମସ୍ତ ସରକାରୀ ଦପ୍ତର ସାଧାରଣ ଲୋକଙ୍କ ଦ୍ୱାରା ନିରୀକ୍ଷଣ ଓ ସୂଚନା ସଂଗ୍ରହ ପାଇଁ ଖୋଲା । ଯେଉଁ ଅଧିକାରୀମାନେ ଏହି ପ୍ରକ୍ରିୟାକୁ ବାଧାଗ୍ରସ୍ତ କରିବେ, ତାଙ୍କ ବିରୁଦ୍ଧରେ ସୂଚନା ପ୍ରଦାନରେ ପ୍ରତିଦିନର ବିଳମ୍ବ ପାଇଁ ୨୫୦ ଟଙ୍କା ହିସାବରେ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ତଥା ଚାକିରୀରୁ ନିଲମ୍ବନ ବା ବରଖାସ୍ତ ଆଦି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଭଳି ଦଣ୍ଡବିଧାନର ବ୍ୟବସ୍ଥା ଏହି ଆଇନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହାହିଁ ସୂଚନା ଅଧିକାର ଆଇନ୍‌ର ମୌଳିକ ବୈଶିଷ୍ଟ୍ୟ ।

ଏହି ଆଇନ୍‌ଟି ଗତ ବର୍ଷ ୧୫ଜୁନରୁ ଆଂଶିକ ଲାଗୁ ହୋଇ ୧୨୦ଦିନ ପରେ ଅର୍ଥାତ୍ ୧୨ ଅକଟୋବରଠାରୁ ସଂପୂର୍ଣ୍ଣ ଭାବେ ଓଡିଶା ସମେତ ସାରା ଦେଶରେ ବଳବତ୍ତର ରହି ଆସିଛି । ବର୍ତ୍ତମାନ ଆମେ ଦେଖିବା କଥା, ଗତ ସାଢ଼େ ୫ ମାସ ଭିତରେ ଓଡିଶାରେ ଏହା କିପରି କାର୍ଯ୍ୟକାରୀ ହୋଇଛି ? ଏହା ଏକ ନିରାଟ ସତ୍ୟ ଯେ, ଓଡିଶା ସରକାର ଏହି ଆଇନ୍ ଅଧିନରେ ଅକ୍‌ଟୋବର ୧ମ ସପ୍ତାହରୁ ଦରଖାସ୍ତ ଫର୍ମ ଓ ବିଭିନ୍ନ ବାବଦରେ ଦେୟ ଅର୍ଥରାଶି ଇତ୍ୟାଦି ବିଷୟରେ ନିୟମାବଳୀ ଜାରି କରିଥିଲେହେଁ ଏବଂ ଖବରକାଗଜମାନଙ୍କରେ ବଡ ବଡ ବିଜ୍ଞାପନ ବାହାର କରିଥିଲେ ହେଁ ଆମ ରାଜ୍ୟରେ ଏପର୍ଯ୍ୟନ୍ତ ଏହାର ସୁଫଳ ମୋଟେ ମିଳିନାହିଁ କହିଲେ ଚଳେ । କାଁଭା କେଉଁଠି ଗୋଟିଏ ଅଧେ ଦରଖାସ୍ତ ପଡି ଥାଇପାରେ, କିନ୍ତୁ କେହି ଜଣେ ହେଲେ ବ୍ୟକ୍ତି ଏହା ଦ୍ୱାରା ଖାସ୍ ଉପକୃତ ହୋଇ ପାରିଥିବାର ନଜିର୍ ଆମ ଆଗରେ ନାହିଁ । ବ୍ୟଥିତ ନାଗରିକମାନଙ୍କର ଆପତ୍ତିଓଜର ଶୁଣିବା ପାଇଁ ଗତ ନଭେମ୍ବର ୨୦ ଠାରୁ ରାଜ୍ୟ ସୂଚନା କମିଶନ୍ ମଧ୍ୟ ଗଠିତ ହୋଇ କାର୍ଯ୍ୟ କରି ଆସୁଛି । ମୂଳ ଆଇନ୍‌ର ଧାରା ୨୫ ଅନୁଯାୟୀ ଜନ କର୍ତ୍ତୃପକ୍ଷମାନଙ୍କ ଗୋପନୀୟତା-ଆଧାରିତ ମନୋଭାବ ଓ ଆଚରଣରେ ସଂସ୍କାର ଆଣିବା ପାଇଁ ସୁପାରିଶ୍ ଦେବା ସକାଶେ ସୂଚନା କମିଶନ୍‌ଙ୍କୁ କ୍ଷମତା ଦିଆଯାଇ ଥିଲେ ହେଁ, ତହିଁର ଥରୁଟିଏ ମାତ୍ର ପ୍ରୟୋଗ କମିଶନ୍ ଦ୍ୱାରା ହୋଇଥିବାର ନଜିର୍ ମଧ୍ୟ ନାହିଁ ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି, କେନ୍ଦ୍ରୀୟ ସ୍ତରରେ ଓ ଅନ୍ୟ ରାଜ୍ୟମାନଙ୍କରେ ଏହି ନୂତନ ଆଇନର ଜୟଯାତ୍ରା ଚାଲିଥିବା ବେଳେ ଓଡିଶାରେ ଏହାର ଏପରି ଦୟନୀୟ ଦଶା ଘଟିଛି କାହିଁକି ? ଏହାର ଅସଲ ଉତ୍ତର ହେଲା, ଆଇନର ଧାରା ୨୭ ଅଧୀନରେ ରାଜ୍ୟମାନଙ୍କୁ ନିଜ ନିଜର ନିୟମାବଳୀ ଗଢ଼ିବା ପାଇଁ ଯେଉଁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଛି, ଓଡିଶା ସରକାର ଏହାର ବ୍ୟାପକ ଦୁରୁପଯୋଗ କରିଛନ୍ତି । ମୂଳ ଆଇନ୍‌ରେ ଯେଉଁସବୁ କଥାଗୁଡିକୁ ବାରଣ କରାଯାଇଛି, ଗୋଟିଏ ଦୁଷ୍ଟଛାତ୍ର ଭଳି ଆମ ରାଜ୍ୟସରକାର ସେଇଗୁଡିକୁ ହିଁ ନିୟମାବଳୀରେ ସ୍ଥାନିତ କରିଛନ୍ତି, ଏବଂ ନାଗରିକମାନଙ୍କ ସ୍ୱାର୍ଥରେ ଯେଉଁସବୁ ନୀତିଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ମୂଳ ଆଇନ୍ କହିଛି, ସେଗୁଡିକୁ ଗୋଟି ଗୋଟି କରି ଉଲ୍ଲଂଘନ କରିବା ସହିତ ଠିକ୍ ବିପରୀତ ବ୍ୟବସ୍ଥା ଗୁଡିକୁ ସ୍ଥାନିତ କରିଛି । ଉଦାହରଣ ସ୍ୱରୂପ, ଧାରା ୭(୫)ରେ କୁହାଯାଇଛି ଯେ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ପାଇଁ ୩ ପ୍ରକାର ଫି, ଯଥା-ଦରଖାସ୍ତ ଫି, ସୂଚନା ଯୋଗାଣ ବାବଦ ଫି ଏବଂ ଇଲେକ୍‌ଟ୍ରନିକ ମାଧ୍ୟମ ବାବଦ ଫି ଛାଡ କରାଯିବ; କିନ୍ତୁ ଓଡିଶା ସରକାର ନିଜର ରୁଲ୍-୪(୧)ରେ କେବଳ ଦରଖାସ୍ତ ଫି ଛାଡ କରିଛନ୍ତି । ପୁଣି ସେହି ଧାରାରେ କୁହା ଯାଇଥିଲା ଯେ, ସମସ୍ତ 'ଫି' ଯଥୋଚିତ ହେବ, କିନ୍ତୁ ଓଡିଶା ସରକାର ପୃଷ୍ଠାଏ ଜେରକ୍ସ ପାଇଁ ୫ ଟଙ୍କା, କମ୍ପ୍ୟୁଟର ମୁଦ୍ରଣ ପାଇଁ ୧୦ ଟଙ୍କା, ଦରଖାସ୍ତ ଫି ୨୦ ଟଙ୍କା, ଇନ୍‌ସ୍ପେକ୍ସନ ପାଇଁ ଘଣ୍ଟାକୁ ୧୫ ଟଙ୍କା ତଥା ୧ମ ଓ ୨ୟ ଅପିଲ୍ ଫି ପାଇଁ ଯଥାକ୍ରମେ ୪୦ ଓ ୫୦ ଟଙ୍କା ସ୍ଥିର କରି ସାଧାରଣ ଲୋକଙ୍କ ପାଇଁ ଏହି ଆଇନ୍‌କୁ ଏମିତି ବ୍ୟୟବହୁଳ କରି ଦେଇଛନ୍ତି ଯେ, ସେମାନେ ଆପେଆପେ ଏହି ଆଇନ୍‌ଠାରୁ ଦୂରେଇ ଯିବେ । ସେମିତି ମୂଳ ଆଇନ୍‌ର ଧାରା ୭(୯) ଅନୁଯାୟୀ, ନାଗରିକ ଯେଉଁ ରୀତିରେ ସୂଚନା ଚାହୁଁଛି, ତାକୁ ସେହି ରୀତିରେ ସୂଚନା ଯୋଗାଇ ଦିଆଯିବ ବୋଲି ପ୍ରାବଧାନ ରହିଥିବା ବେଳେ ଓଡିଶା ନିୟମାବଳୀ ଏକ ଲମ୍ବାଚଉଡା ୧୧-ସ୍ତମ୍ଭ ବିଶିଷ୍ଟ, ଜଟିଳ ଦରଖାସ୍ତ ଫର୍ମକୁ ବାଧ୍ୟତାମୂଳକ କରିଛି, ଯାହାର କୌଣସି ଏକ ସ୍ତମ୍ଭ ଠିକଣା ଭାବେ ପୂରଣ ନହେଲେ, ଦରଖାସ୍ତଟି ନାକଚ ହୋଇଯିବା ସହ ଦରଖାସ୍ତ 'ଫି' ମଧ୍ୟ ବାଜ୍ୟାପ୍ତ ହୋଇଯିବ । ତା'ପରେ ମୂଳ ଆଇନ୍‌ର ଧାରା ୭(୧) ଅନୁଯାୟୀ କେବଳ ଧାରା ୮ ଓ ୯ ଅନ୍ତର୍ଗତ ସବିଶେଷ କାରଣ ଦର୍ଶେଇ ଜଣେ ଜନସୂଚନା ଅଧିକାରୀ ଗୋଟିଏ ଦରଖାସ୍ତକୁ ଖାରଜ କରି ପାରନ୍ତି, କିନ୍ତୁ ଓଡିଶା ନିୟମାବଳୀର ଫର୍ମ- ଗ ଅନୁଯାୟୀ ୯ଟି କାରଣ ଦର୍ଶେଇ ଜଣେ ଜନ ସୂଚନା ଅଧିକାରୀ ଗୋଟିଏ ଦରଖାସ୍ତକୁ ଖାରଜ କରି ପାରିବେ, ଏବଂ ସର୍ବୋପରି ପରିଶେଷ ଓ ନବମ ସ୍ତମ୍ଭ ଅନୁଯାୟୀ ଜଣେ ଅଧିକାରୀ ନିଜ ମନରୁ ଯେକୌଣସି କାରଣ ବାହାର କରି ଦରଖାସ୍ତଟିକୁ ଖାରଜ କରି ପାରିବେ । ଓଡିଶା ନିୟମାବଳୀର ସବୁଠୁଁ ବଡ ଉଦ୍ଭଟ ବ୍ୟବସ୍ଥା ହେଲା, ସୂଚନା ପାଇବାକୁ ହେଲେ, ଜଣେ ନାଗରିକଙ୍କୁ ସମ୍ପୃକ୍ତ ଦପ୍ତରକୁ ବ୍ୟକ୍ତିଗତ ଭାବେ ଯାଇ ନଗଦ ଟଙ୍କା ଆକାରରେ 'ଫି' ଦାଖଲ କରିବାକୁ ପଡିବ । ନିୟମାବଳୀ ଅନୁଯାୟୀ, ଜଣେ ବ୍ୟକ୍ତି ଡାକଯୋଗେ ସୂଚନା ମଗାଇ ପାରିବେ, କିନ୍ତୁ ଚେକ୍ କି ମନିଅର୍ଡର

ଦ୍ୱାରା ସେ 'ଫି' ପଇଠ କରି ପାରିବେନି; ତାଙ୍କୁ ଯେମିତି ହେଲେ ସମୟ ଓ ଅର୍ଥ ବ୍ୟୟ କରି ସଂପୃକ୍ତ ଦପ୍ତରକୁ ଦଉଡିବାକୁ ପଡିବ । ଏଭଳି ଅବାନ୍ତର ବ୍ୟବସ୍ଥା ଭାରତ କି ପୃଥିବୀର ଅନ୍ୟ କେଉଁଠି ଦେଖିବାକୁ ମିଳିବନି । କେବଳ ଏତିକି ନୁହେଁ, ମୂଳ ଆଇନ୍‌ର ଧାରା ୧୯(୮ବି)ରେ ସୂଚନାପ୍ରାପ୍ତିରୁ ବଂଚିତ ବ୍ୟକ୍ତିଙ୍କୁ କ୍ଷତିପୂରଣ ମିଳିବାର କଥା କୁହା ଯାଇଥିବା ବେଳେ ଓଡିଶା ନିୟମାବଳୀରେ ସୂଚନା ଚାହୁଁଥିବା ଏବଂ ସୂଚନା ନପାଇ ବ୍ୟଥିତ ହୋଇ ସୂଚନା କମିଶନ୍‌ଙ୍କ ଆଗରେ ଫେରାଦ ହେବାକୁ ଚାହୁଁଥିବା ନାଗରିକ ବିରୁଦ୍ଧରେ ଏଭଳି ସବୁ ମାରାତ୍ମକ ବ୍ୟବସ୍ଥାମାନ ଖଞ୍ଜିଦିଆଯାଇଛି, ଯାହା ଫଳରେ ଆଉ କୌଣସି ବ୍ୟକ୍ତି ସୂଚନା ପାଇଁ ଆବେଦନ କରିବାକୁ କି କମିଶନ୍‌ଙ୍କ ପାଖରେ ଅଭିଯୋଗ କରିବାକୁ ସାହସ କରିବେନି । ରୁଲ୍-୧୦ ଅନୁଯାୟୀ ଯଦି କେହି ବ୍ୟକ୍ତି ଏକ ନିର୍ମାଣ-କାର୍ଯ୍ୟର ନମୂନା ମାଗନ୍ତି, ଏବଂ ସଂପୃକ୍ତ ଅଧିକାରୀ ନମୂନା ସଂଗ୍ରହ କରୁକରୁ ଯଦି ସେହି ନିର୍ମାଣ-କାର୍ଯ୍ୟଟି ଭୁଷୁଡି ପଡେ, ତେବେ  ତହିଁର ସଂପୂର୍ଣ୍ଣ କ୍ଷତିଭରଣା କରିବ ବିଚରା, ନିରୀହ ନାଗରିକ । ସେହିପରି ମୂଳ ଆଇନ୍‌ର ଧାରା ୧୯(୫) ଓ ୨୦(୧) ଅନୁଯାୟୀ ଯେ କୌଣସି ଅଭିଯୋଗ କି ଅପିଲ୍‌ର ଶୁଣାଣି ବେଳେ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବାର ସମସ୍ତ ଦାୟଦାୟିତ୍ୱ ଅଭିଯୁକ୍ତ ଜନ ସୂଚନା ଅଧିକାରୀଙ୍କ ଉପରେ ନ୍ୟସ୍ତ ଥିବା ବେଳେ ଓଡିଶା ନିୟମାବଳୀର ନିୟମ-୧୨ ଅନୁଯାୟୀ ଜଣେ ଅପିଲ୍‌କର୍ତ୍ତାଙ୍କୁ ପ୍ରଥମେ କେଶ୍‌ର ସମସ୍ତ ସାକ୍ଷ୍ୟପ୍ରମାଣ ଖର୍ଚ୍ଚ ଆଗତୁରା ଦାଖଲ କରିବାକୁ ପଡିବ । ଯଦି କୌଣସି କାରଣରୁ ଜଣେ ନାଗରିକ ୩୦ଦିନ ଭିତରେ କୌଣସି ଏକ ଦେୟ ଦେଇ ନପାରେ, ତେବେ ଓଡିଶା ନିୟମାବଳୀର ସବୁଠୁଁ ଭୟାନକ ବ୍ୟବସ୍ଥା, ରୁଲ୍-୧୩କୁ ପ୍ରୟୋଗ କରାଯିବ; ତାହା ହେଲା, ସେହି ବକେୟା ଦେୟ 'ଓଡିଶା ସର୍ବସାଧାରଣ ବକେୟା ଅସୁଲ୍ ଆଇନ୍ ୧୯୬୨' ଅନୁଯାୟୀ ତାଙ୍କ ଭୂସମ୍ପତ୍ତିରୁ ଆଦାୟ ହେବ, ଅଥବା ବକେୟା ଅସୁଲ ହୋଇ ନପାରିଲେ ସେ ୬ ସପ୍ତାହରୁ ୬ ମାସ ଯାଏଁ ଜେଲ୍ ଖଟିବାକୁ ବାଧ୍ୟ ହେବେ । ସୁତରାଂ ମୂଳ ଆଇନ୍‌ର ସଂପୂର୍ଣ୍ଣ ପରିପନ୍ଥୀ ଏବଂ ଚରମ ଜନବିରୋଧୀ ଓଡିଶା ନିୟମାବଳୀ ଯଦି ଚାଲୁ ରହେ, ତେବେ ସୂଚନା ଅଧିକାର ଆଇନ୍ ଭଳି ଏକ ଐତିହାସିକ ବିଧାନ କେବଳ ଓଡିଶା ମାଟିରେ ହିଁ ଖୁବ୍‌ଶୀଘ୍ର ଶୀତଳ କବର ଲାଭ କରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ତେଣୁ ପ୍ରଶ୍ନ ଉଠୁଛି, ବର୍ତ୍ତମାନର ସନ୍ଧିକ୍ଷଣରେ ସୂଚନା ଅଧିକାର ଆଇନ୍‌ର ଉପଯୋଗ ପାଇଁ ଓଡିଶାବାସୀଙ୍କ ପାଇଁ କିଛି ବିକଳ୍ପ ରାସ୍ତା ଖୋଲା ଅଛି କି? ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ପରେ ଦେଖା ଯାଉଛି, କେବଳଗୋଟିଏ ବାଟ ଖୋଲା ଅଛି । ମୂଳ ଆଇନ୍‌ର ଧାରା ୪ ଓ ୧୮କୁ ଓଡିଶା ନିୟମାବଳୀ ଆହତ କରିପାରିନି । ଧାରା ୪(୧ବି) ଅଧୀନସ୍ଥ ସ୍ୱୟଂ ପ୍ରକଟନୀୟ ୧୭ ପ୍ରକାର ସୂଚନା-ଶ୍ରେଣୀ ଭିତରେ ରହିଛି ସାଧାରଣ ଲୋକଙ୍କ ଜୀବନ-ଜୀବିକାରେ ଆବଶ୍ୟକ ପଡୁଥିବା ଯାବତୀୟ ତଥ୍ୟରାଜି, ଯେଉଁଗୁଡିକୁ ପ୍ରତି ଜନକର୍ତ୍ତୃପକ୍ଷ ୧୨ ଅକ୍‌ଟୋବର ୨୦୦୫ ସୁଦ୍ଧା ନିଜନିଜ ଦପ୍ତରରେ ଏମିତି ସଂକଳିତ କରି ରଖିଥିବେ, ଯାହାକୁ ଜଣେ ନାଗରିକ ଚାହିଁବା ମାତ୍ରେ ନିରୀକ୍ଷଣ କରି ପାରିବେ ତଥା ସେଥି ମଧ୍ୟରୁ ଆବଶ୍ୟକୀୟ ସୂଚନାର ପ୍ରମାଣୀକୃତ ନକଲ ସଂଗ୍ରହ କରିପାରିବେ । ଏଥିପାଇଁ ସେମାନଙ୍କୁ କୌଣସି ଦରଖାସ୍ତ କିମ୍ବା 'ଫି' ଦାଖଲ କରିବାକୁ ପଡିବନି । କାରଣ, ଧାରା ୪(୪)ରେ କୁହାଯାଇଛି ଯେ, ଏହି ସ୍ୱୟଂପ୍ରକଟନୀୟ ସୂଚନାଗୁଡିକୁ ମାଗଣାରେ ବା ବିହିତ ହେବାକୁ ଥିବା ଦାମ୍ ବିନିମୟରେ ଯୋଗାଇ ଦିଆଯିବ ।

ମୂଳ ଆଇନ୍‌ର ଧାରା ୨୭(୨)ରେ ମଧ୍ୟ କୁହା ଯାଇଥିଲା ଯେ, ଗୋଟିଏ ରାଜ୍ୟ ସରକାର ଧାରା ୪(୪) ଉଦ୍ଦେଶ୍ୟରେ ସୂଚନା ପ୍ରଦାନ ବାବଦ 'ଫି' ବିହିତ କରିପାରନ୍ତି । କିନ୍ତୁ ରାଜ୍ୟ ନିୟମାବଳୀର ରୁଲ୍-୨(୧ସି)ରେ 'ଫି' ସମ୍ବନ୍ଧରେ ପ୍ରଦତ୍ତ ସଂଜ୍ଞା ଭିତରେ ଧାରା ୪(୪)ର 'ଫି' ଅନ୍ତର୍ଭୁକ୍ତ ନାହିଁ । ସୁତରାଂ ଧାରା ୪(୧ବି) ଅଧୀନସ୍ଥ ସମସ୍ତ ସୂଚନାଗୁଡିକୁ ସଂପୂର୍ଣ୍ଣ ମାଗଣାରେ ଲୋକମାନଙ୍କୁ ଯୋଗାଇ ଦେବା ପ୍ରତି ଜନକର୍ତ୍ତୃପକ୍ଷଙ୍କ ପକ୍ଷେ ଏକ ଅବଶ୍ୟ-ପାଳନୀୟ ବୈଧାନିକ କର୍ତ୍ତବ୍ୟ । ଯଦି କୌଣସି କର୍ତ୍ତୃପକ୍ଷ ଏଥିରେ ଅବହେଳା ଦେଖାନ୍ତି, ତେବେ ଜଣେ ନାଗରିକ ଧାରା ୧୮(୧) ଅନୁଯାୟୀ ସାଦା କାଗଜରେ ବିନା 'ଫି'ରେ ସିଧାସଳଖ ସୂଚନା କମିଶନ୍‌ଙ୍କ ନିକଟରେ ଅଭିଯୋଗ କରିପାରିବେ । ଓଡିଶା ନିୟମାବଳୀ କେବଳ ଧାରା ୧୯ ଅଧୀନସ୍ଥ ୧ମ ଓ ୨ୟ ଅପିଲ୍ ପାଇଁ ଯାହାକିଛି ଫର୍ମ ଏବଂ 'ଫି' ବିହିତ କରିଛି, ଧାରା ୧୮ ଅଧୀନସ୍ଥ ସୂଚନା କମିଶନ୍‌ଙ୍କ ନିକଟରେ ପ୍ରତ୍ୟକ୍ଷ ଅଭିଯୋଗ ପାଇଁ ନୁହେଁ । କେବଳ ସେତିକି ନୁହେଁ, ଧାରା ୫(୨) ଓ ୧୮(୧) ଅନୁଯାୟୀ ଜଣେ ବ୍ୟଥିତ ନାଗରିକର ଅଭିଯୋଗକୁ ସୂଚନା କମିଶନ୍‌ଙ୍କ ନିକଟକୁ ପଠାଇବା ମଧ୍ୟ ସଂପୃକ୍ତ ଜନକର୍ତ୍ତୃପକ୍ଷଙ୍କ ଦାୟିତ୍ୱ ।

ସୁତରାଂ ବର୍ତ୍ତମାନର ସନ୍ଧିକ୍ଷଣରେ ଓଡିଶାରେ ଐତିହାସିକ ସୂଚନା ଅଧିକାର ଆଇନ୍-୨୦୦୫କୁ ଯଥାର୍ଥ ଭାବେ ରୂପାୟନ କରିବାକୁ ହେଲେ ରାଜ୍ୟବାସୀଙ୍କୁ ଏକାଧାରରେ ୨ଟି କାର୍ଯ୍ୟ ଚଳାଇ ରଖିବାକୁ ପଡିବ । ୧ମଟି ହେଲା, ମୂଳ ଆଇନ୍‌ର ଉଭୟ ଭାବ ଓ ଭାଷାକୁ ଉଲ୍ଲଂଘନ କରୁଥିବା ଏବଂ ଜନମତକୁ ଏଡାଇଯାଇ ଅମଲାତାନ୍ତ୍ରିକ ଢଙ୍ଗରେ ଜାରି ହୋଇଥିବା ଓଡିଶା ସୂଚନା ଅଧିକାର ନିୟମାବଳୀ-୨୦୦୫ର ଆମୂଳଚୂଳ ସଂସ୍କାର ଓ ତାହା ପରିବର୍ତ୍ତେ କେନ୍ଦ୍ର ଓ ଅନ୍ୟ ବହୁ ରାଜ୍ୟ ସରକାରଙ୍କ ଭଳି ଲୋକାଭିମୁଖୀ ନିୟମାବଳୀର ପ୍ରବର୍ତ୍ତନ ପାଇଁ ପ୍ରଚାର ଅଭିଯାନ ଚଳାଇ ରଖିବା; ଏବଂ ଅନ୍ୟଟି ହେଲା, ଓଡିଶା ନିୟମାବଳୀ ଦ୍ୱାରା ବାଧିତ ହୋଇନଥିବା ମୂଳ ଆଇନ୍‌ର ଧାରା ୪ ଓ ୧୮କୁ ଉପଯୋଗ କରି ବିନା ଦରଖାସ୍ତରେ ଏବଂ ବିନା 'ଫି'ରେ ବିଭିନ୍ନ ଜନ କର୍ତ୍ତୃପକ୍ଷଙ୍କ ଦପ୍ତରରୁ ଆବଶ୍ୟକୀୟ ସୂଚନା ଗୁଡିକୁ ନିରୀକ୍ଷଣ ଓ ସଂଗ୍ରହ କରିବା, ତଥା କେହି ଏଥିରେ ଅସହଯୋଗ କଲେ ସୂଚନା କମିଶନ୍‌ଙ୍କ ନିକଟକୁ ପ୍ରତ୍ୟକ୍ଷ ଅଭିଯୋଗ ପ୍ରେରଣ କରିବା ।

Chitta Behera, 4A Jubilee Tower, Choudhury Bazar, Cuttack-9, Ph:9861091455, dt23.3.06,
Email: chittabehera1@yahoo.co.in , chittabehera@rediffmail.com